ଓଡ଼ିଆ ଇ-ପତ୍ରିକା

ମାର୍ଚ୍ଚ ୨୦୨୬

ଶୁଭପଲ୍ଲବ

୮୪ଶ ସଂସ୍କରଣ



https://shubhapallaba.in @Shubhapallaba www.shubhapallaba.com

ଶୁଭପଲ୍ଲବ

୮୪ଶ ସଂସ୍କରଣ • ମାର୍ଚ୍ଚ ୨୦୨୬

୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ ପଣ୍ଡିତ **ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହୁରି ବଢ଼ିବାର ଆଶା ରଖିଛୁ ।



Scan to Install Shubhapallaba APP

ଯୋଗାଯୋଗ:

Mobile: +91 7008899643
E-Mail: shubhapallaba@gmail.com
Website: https://shubhapallaba.in



- **୮୩ଶ ସଂସ୍କରଣ**
- **ଫେବୃଆରୀ ୨୦୨୬**

ସଂପାଦନା: **ସଂଗ୍ରାମ କେଶରୀ ସେନାପତି**

୨୦୨୬ ମସିହାର ଫେବୃଆରୀ ମାସରେ ପ୍ରକାଶ ପାଇଥିଲା ଶୁଭପଲ୍ଲବ ଓଡ଼ିଆ ଇ-ପତ୍ରିକାର ୮୩ତମ ସଂସ୍କରଣ, ଯେଉଁଥିରେ ଗପ, କବିତା, ଭଜନ, ଜୀବନୀ ଆଦି ପ୍ରକାଶ ପାଇଥିଲା । ଏହି ସଂସ୍କରଣଟି ଏବେ ଶୁଭପଲ୍ଲବ ଷ୍ଟୋର୍‌ରେ ଉପଲବ୍ଧ ।

ସମ୍ପାଦନା ମଣ୍ଡଳୀ



ସଂଗ୍ରାମ ସେନାପତି
(ପ୍ରତିଷ୍ଠାତା/ସମ୍ପାଦକ)

ସଂଗ୍ରାମ କେଶରୀ ସେନାପତି ଓଡ଼ିଆ ଉଇକିପିଡ଼ିଆର ଜଣେ ନିୟମିତ ଲେଖକ । ସେ ଓଡ଼ିଆ ତଥା ଇଂରାଜୀ ଭାଷାରେ ବିଭିନ୍ନ ପ୍ରକାରର ବ୍ଲଗ୍‌ମାନ ଲେଖନ୍ତି ଓ ପଡ଼କାସ୍ଟ କରନ୍ତି, ଯେଉଁଥିରେ ଓଡ଼ିଆ ଭାସଷା ତଥା ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ ସ୍ଥାନ, ପର୍ବ ପର୍ବାଣୀ, ଖାଦ୍ୟପେୟ, ମନ୍ଦିର, ସଂସ୍କୃତି, ପରମ୍ପରା, ରୀତିନୀତି ଆଦିକୁ ସ୍ଥାନିତ କରିଥାନ୍ତି ।



ତାପସ ରଞ୍ଜନ
(ସମ୍ପାଦକ)

ତାପସ ରଞ୍ଜନ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରକାରର ଗପ ଓ କବିତା ରଚନା କରିବା ସହିତ ଓଡ଼ିଆ ତଥା ଇଂରାଜୀ ପୁସ୍ତକ ପଢ଼ିବାରେ ରୁଚି ରଖନ୍ତି। ଏଥିସହିତ ସେ ଅନେକ ପୁସ୍ତକର ସମ୍ପାଦନା କରିଛନ୍ତି । ଆଗାମୀ ଦିନରେ ତାଙ୍କ ପୁସ୍ତକ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି, ଯେଉଁଥିରେ ତାଙ୍କ ରଚିତ କିଛି କ୍ଷୁଦ୍ର ଗଳ୍ପ ସ୍ଥାନିତ ହୋଇଛି ।



ସମ୍ବିତ ଦାସ
(ଅଳଂକରଣ)

ସମ୍ବିତ ଦାସ ପେଶାରେ ଜଣେ ଗ୍ରାଫିକ୍ ଡିଜାଇନର୍, ଯିଏକି ଏବେ ହାଇଦ୍ରାବଦରେ କାର୍ଯ୍ୟରତ । ସେ ଓଡ଼ିଶାର ବିଭିନ୍ନ ପ୍ରକାରର ସ୍ଥାନ ତଥା ସଂସ୍କୃତି ଉପରେ ଚିତ୍ର କରିବା ସହିତ ଶୁଭପଲ୍ଲବ ଓ ବିଭିନ୍ନ ପୁସ୍ତକର କଭର୍ ଫଟୋ ତିଆରି କରିଛନ୍ତି । ତାଙ୍କ ପ୍ରସ୍ତୁତ ଅନେକ ଚିତ୍ର ମୁକ୍ତ ଭାବରେ ମଧ୍ୟ ଉପଲବ୍ଧ ହେଉଛି, ଯଦ୍ୱାରା ଅନେକ ଲୋକ ଉପକୃତ ହେଉଛନ୍ତି ।

ଲେଖା ପଠାଇବାର ନିୟମ:

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । **ପ୍ରତ୍ୟେକ ମାସର ୧ ତାରିଖରେ ପତ୍ରିକା ପ୍ରକାଶ ପାଇବ ଏବଂ ୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ ।**



ସମ୍ପାଦକୀୟ

ଫଗୁଣ ମାସରେ ପତ୍ରଝଡ଼େ ଦେଉଥିବା ପୃଥିବୀକୁ ଆମ୍ବ ବଉଳ ସୁନ୍ଦର ଭାବରେ ସଜେଇ ଦେଇଥାଏ । ଏ ସୁନ୍ଦର ପରିବେଷ୍ଟିନିକୁ ରଙ୍ଗ ଅବିର ଆହୁରି ରଙ୍ଗମୟ କରିଦିଏ । ଏ ରଙ୍ଗର ପର୍ବ ଦ୍ୱାପର ଯୁଗରେ ରାଧାକୃଷ୍ଣଙ୍କୁ ରଙ୍ଗୋତ୍ସର ଏକ ପ୍ରତୀକ ଭାବରେ ପାଳନ କରାଯାଏ । ଖାଲି ଭାରତରେ ନୁହେଁ, ଭାରତ ବାହାରେ ରହୁଥିବା ଭାରତୀୟମାନେ ମଧ୍ୟ ଏହାକୁ ବଡ଼ ଧୁମ୍‌ଧାମ୍‌ରେ ପାଳନ କରନ୍ତି । ଅବଶ୍ୟ ସ୍ଥାନ ଅନୁସାରେ ଏହାର ପାଳନର ପରମ୍ପରା ଟିକେ ବଦଳିଯାଏ । ପ୍ରତିବର୍ଷ ପ୍ରାୟ ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ଏ ପର୍ବ ପଡ଼େ, ଏଥର କିନ୍ତୁ ମାର୍ଚ୍ଚ ୪ ତାରିଖ ଅର୍ଥାତ ଆନ୍ତର୍ଜାତୀୟ ମହିଳା ଦିବସର ୪ ଦିନ ଆଗରୁ ପାଳନ ହେଉଛି ।

ଯେଉଁ ମହିଳାମାନେ ଶକ୍ତିର ପ୍ରତୀକ, ସୃଷ୍ଟିର ପ୍ରତୀକ; ସେମାନେ କିନ୍ତୁ ଆଜିବି ଅବହେଳିତ, ନିଷ୍ପେଷିତ । ଅନ୍ୟ ଦିନ କଥା ଛାଡ଼ନ୍ତୁ, ହୋଲିରେ ମଧ୍ୟ ରଙ୍ଗ ଲଗେଇବା ବାହାନାରେ ଅନେକ ମହିଳାଙ୍କର ଉତ୍ପୀଡ଼ନ କଥା ସାମ୍ନାକୁ ଆସେ । ପ୍ରାୟ ପ୍ରତିଦିନ ଅତ୍ୟାଚାରର ଖବର ଆସୁଛି; ତଥାପି ସେ ଶକ୍ତିର ପ୍ରତୀକ, ତଥାପି ଆମେ ଦେବୀଙ୍କର ଆରାଧନା କରନ୍ତି, ତାଙ୍କୁ ପୂଜା କରନ୍ତି । କେବେ ସରିବ ଏ ଅତ୍ୟାଚାର, କେବେ ଶେଷ ହେବ ଏ ନିର୍ଯାତନା? କେବେ ନାରୀଟିଏ ସ୍ୱାଧୀନ ଭାବରେ ନିର୍ଭୟରେ ଘରୁ ବାହାରିପାରିବ?

ଯଦିଓ ଏହିଭଳି ପ୍ରଶ୍ନ ସଭାରେ, ମଞ୍ଚରେ, ସୋସିଆଲ୍ ମିଡିଆରେ କରୁଥିବା ଲୋକଟି କିନ୍ତୁ ନାରୀର ସ୍ୱାଧୀନତା ଦେଖି ନିଜେ ଅସହିଷ୍ଣୁ ହୋଇପଡ଼ିବାର ନଜିର ରହିଛି ମୋ ସାମ୍ନାରେ । ଏଥିରେ ଅସହ୍ୟ ହୋଇପଡୁଥିବା ଲୋକଟି କେବଳ ପୁରୁଷ ବି ନୁହେଁ, ଏଥିରେ ନାରୀମାନେ ବି ସାମିଲ ଅଛନ୍ତି । ଏ ବର୍ଷ ହୋଲିରେ ରଙ୍ଗ ଧୋଇଲାବେଳେ ମନରୁ ଏମିତି ଅସହିଷ୍ଣୁ ମନୋଭାବ ଧୋଇଯାଉ ସେମାନଙ୍କ ମନରୁ ।

ଆମ୍ବ ବଉଳର ମହମହ ବାସ୍ନା ସହିତ ରଙ୍ଗଭରା ଏ ଉତ୍ସବ ଅବସରରେ ଭେଟିଦେଉଛୁ ଶୁଭପଲ୍ଲବର ଏହି ନୂତନ ସଂସ୍କରଣ ।

ଜୟ ଜଗନ୍ନାଥ !!!



ଏହି ସଂସ୍କରଣରେ...

୦୧. ବସନ୍ତ ଉତ୍ସବ
୦୨. ଦୋଳଯାତ
୦୩. ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ
୦୪. ମେଣ୍ଢାପୋଡ଼ି ନୀତି
୦୫. ପର୍ବ ଦୋଳର
୦୬. ଜୀବନ
୦୭. ବନ୍ଦୀ
୦୮. ହୋଲିରେ ପ୍ରେମର ରଙ୍ଗ
୦୯. ଫୁଲେଇ ଫଗୁଣ ହସୁଛି
୧୦. ହୋଲି
୧୧. ସ୍ୱେଚ୍ଛାକୃତ ବୈଧବ୍ୟ
୧୨. ନାରୀ ହେବାଟା ଏତେ ସହଜ ନୁହେଁ
୧୩. ଅଲିଭା ସଳିତା
୧୪. ମାତୃଭାଷାର ମମତା
ଦିବ୍ୟାଶ୍ରୀ ବିଶ୍ୱବନ୍ଦ୍ୟା ଜେନା ୦୫
ସଂଗ୍ରାମ କେଶରୀ ସେନାପତି ୦୬
ସଂଗ୍ରାମ କେଶରୀ ସେନାପତି ୧୦
ସଂଗ୍ରାମ କେଶରୀ ସେନାପତି ୧୨
ସୁଜାତା ଦାଶ ୧୪
ଦିଶା ନାୟକ ୧୫
ଓମ୍ ପ୍ରକାଶ ପ୍ରଧାନ ୧୬
ଡୋଳାମଣି ପଧାନ ୧୭
ଡ. ଚପଳା ପଣ୍ଡା ୧୮
ବିଶ୍ୱନାଥ କିଙ୍କର ରାଉତ ୨୦
ସୋନାଲି ସୁଚରିତା ୨୨
ଶୁଭମ ବେହେରା ୨୬
ଛୋଟୁ ସିଂ ୨୮
ଦୁଷ୍ମନ୍ତ ବେହେରା ୨୯



ବସନ୍ତ ଉତ୍ସବ

ଚଉଦିଗ ଦିଶେ କେଡ଼େ ଶୋଭାବନ
ମଣି ବିମାନେ ବିଜେ ରାଧାମୋହନ ।

ଆସ ଗୋ ସଖି ଦେଖିବ ଆସ
ଚାଚେରୀ ଗହଳେ ବସନ୍ତ ରାହାସ ।

ବହୁଥାଏ ମୃଦୁ ମଳୟ ଅନିଳ
ବସନ୍ତ ଉତ୍ସବେ ଏ ଗୋବିନ୍ଦ ଦୋଳ ।

ଫଗୁ ରଙ୍ଗ ଉଡ଼େ କେତେ ଯେ ରଙ୍ଗେ
ସବୁ ରଙ୍ଗ ଯାଇ ମିଶେ ସେ କଳା ରଙ୍ଗେ ।

ବାଆରେ ମହକେ ପ୍ରୀତି ପୁଲକର ଗନ୍ଧ
ସେ ଗନ୍ଧେ ମନକୁ ଦେ ମଜାଇ
ଭୁଲି ସବୁ ଛନ୍ଦମନ୍ଦ ।

- ଦିବ୍ୟାଶ୍ରୀ ବିଶ୍ୱବନ୍ଦ୍ୟା ଜେନା



ଦୋଳଯାତ



ଦୋଳଯାତ ଏକ ପାରମ୍ପାରିକ ହିନ୍ଦୁ ପର୍ବ ଯାହା ବସନ୍ତ ଋତୁରେ ଫଗୁଣ ବା ଫାଲଗୁନ/ ଫାଲ୍ଗୁନ ମାସରେ ପୂର୍ଣ୍ଣମୀ ତିଥିରେ ପାଳନ କରାଯାଇଥାଏ । ସେଇଥିପାଇଁ ତ ଏହାର ନାମ ଫଗୁ ହୋରି, ବସନ୍ତ ଉତ୍ସବ, ପୁଣି କେଉଁଠି ଦୋଳ ପୁନେଇଁ । କେହି କେହି ଏହାକୁ ଫଗୁ ହୋରି ବୋଲି ମଧ୍ୟ କହିଥାନ୍ତି ।

ଦୋଳଯାତ ବା ଦୋଳଯାତ୍ରା ଶ୍ରୀକୃଷ୍ଣଙ୍କ ଗୋପଲୀଳାର ନିଦର୍ଶନ ବୋଲି ପୌରାଣିକ କିମ୍ବଦନ୍ତୀ ରହିଛି । ଏଥିରେ ରାଧା ଦାମୋଦରଙ୍କର ଗୋପ ଗୋପୀମାନଙ୍କ ସହିତ ରଙ୍ଗ ପିଚକାରୀ ଖେଳ ଶ୍ରୀମଦ ଭାଗବତ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ । ସେଇଥିପାଇଁ ଖାଲି ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ସ୍ଥାନରେ ଏହି ରଙ୍ଗ ଉତ୍ସବ ପାଳନ କରାଯାଏ ।

ଏହା ସାରା ଭାରତର ଅତି ଲୋକପ୍ରିୟ ପର୍ବ ଭିତରୁ ଅନ୍ୟତମ । ବସନ୍ତ ଋତୁର ଏହି ରଙ୍ଗ ଖେଳକୁ ଭାଷା, ବର୍ଣ୍ଣ, ଲିଙ୍ଗ, ପ୍ରାନ୍ତ, ଧର୍ମ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି । ଏଇ ପର୍ବରେ ଲୋକମାନେ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଘରକୁ ଘର ବୁଲିଥାନ୍ତି । ଫଗୁ ପୁନେଇଁଦିନ ସବୁ ବିମାନଙ୍କୁ ଦୋଳ ମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଏ । ଏଇ ପାଞ୍ଚଦିନ କାଳ ନାନାଦି ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ଯଥା ବାଦିପାଲା, ଯାତ୍ରା ଆଦି ଲାଗିରହେ । ପୁନେଇଦିନ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନମାନଙ୍କର ମନୋରମ ଶୋଭାଯାତ୍ରାକୁ ମେଲଣ କୁହାଯାଏ । ଏହାର ପରଦିନ ରଙ୍ଗଖେଳ ହୋଇଥାଏ । ଏଇ ଖେଳ ଏତେ ଲୋକପ୍ରିୟ ଯେ ବିଦେଶରୁ ଆସିଥିବା ପର୍ଯ୍ୟଟକମାନେ ମଧ୍ୟ ଏହାର ଆନନ୍ଦ ନେଇଥାନ୍ତି ।

ଓଡ଼ିଶାର ବିଭିନ୍ନ ଗାଆଁମାନଙ୍କରେ ରାଧାକୃଷ୍ଣ ବିମାନରେ ବାହାରନ୍ତି ଏବଂ ଘର ଘର ବୁଲି ଏକାଠି ହୁଅନ୍ତି ମେଳଣ ପଡ଼ିଆରେ । ବାଲେଶ୍ୱର ଜିଲ୍ଲାର ପତରାଜପୁର, ଚୌଧୁରୀ ଉଆସ ଭଦ୍ରକ ଜିଲ୍ଲାର ବ୍ରାହ୍ମଣଗାଁ, କାଳିମେଘା, କାଳିଆପଦା, ଯାଜପୁର ଜିଲ୍ଲାର ଦୁଲାକପାଟଣା ଆଦି ସ୍ଥାନ ଏହି ସବୁ ମେଳଣ ପାଇଁ ଅତି ପରିଚିତ । ଏହା ଛଡ଼ା ଅନେକ ସ୍ଥାନରେ ଛୋଟବଡ଼ ମେଳଣମାନେ ଅନୁଷ୍ଠିତ ହୋଇଥାଏ ।





Photo: Tapas Kumar Halder
Shared Under: CC-BY-SA-4.0




Photo: Stills&Shots
Shared Under: CC-BY-SA-4.0



Photo: Tapas Kumar Halder
Shared Under: CC-BY-SA-4.0



୨୦୧୭ ମସିହାରେ ବ୍ରାହ୍ମଣଗାଁ ମେଳଣରେ ନିଆଯାଇଥିବା ଏକ ଫଟୋ





ଦୋଳବିମାନ ଫଟୋ: ଲୋକନାଥ



ଫଟୋ: ସୋନାଲିଜିଲ୍



ଗଉଡ଼ପୁଅର ଦୋଳ



ଗାଁ ଦାଣ୍ଡରେ ଦୋଳବିମାନ



ଚଇତି ଘୋଡ଼ା ନାଚକୁ ସ୍ୱୀକୃତୀ ଦେଇଥିବା

ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ

ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ ବା ଉତ୍ସବ ଚରଣ ଦାସ ଜଣେ ଚଇତି ଘୋଡ଼ା ନାଚ କଳାକାର ଏବଂ କବି, ଗୀତିକାର ଓ ଲୋକନାଟକ ନିର୍ଦ୍ଦେଶକ ଥିଲେ । ସେ ୨୦୨୦ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ପାଇଥିଲେ । ଏହା ପୂର୍ବରୁ ସେ ୧୯୯୭–୯୮ ବର୍ଷ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ମଧ୍ୟ ପାଇଥିଲେ ।

୧୯୪୫ ମସିହାର ଅପ୍ରେଲ ୧୪ ତାରିଖ ପଣା ସଂକ୍ରାନ୍ତିର ପବିତ୍ର ଦିନରେ କଟକ ଜିଲ୍ଲାର ଚୌଦ୍ୱାର ଅନ୍ତର୍ଗତ ଟାଙ୍ଗିର ମଣିଆ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗଜେନ୍ଦ୍ର ଦାସ ଓ ମାତାଙ୍କ ନାମ ସଖୀ ଦେଈ । ସାତ ବର୍ଷ ବୟସରେ ତାଙ୍କ ମାଆଙ୍କର ପରଲୋକ ଘଟିଥିଲା । ତା'ପରେ ସେ ମାମୁଁଘରେ ରହି ପାଠ ପଢ଼ିଥିଲେ । ପିଲାଦିନରୁ ସେ ଚିତ୍ର ଆଙ୍କିବା, ମୂର୍ତ୍ତି ତିଆରି କରିବା, ବହିବନ୍ଧା ଆଦି ବିଭିନ୍ନ କଳା ପ୍ରତି ମଧ୍ୟ ଆକୃଷ୍ଟ ଥିଲେ । ପାନଦୋକାନ କରି ନିଜେ ରୋଜଗାର ମଧ୍ୟ କରୁଥିଲେ । ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସେ କଳାରେ ସ୍ନାତକ କରିଥିଲେ ।

ସପ୍ତମ ଶ୍ରେଣୀରେ ପଢ଼ିବା ବେଳୁ ସେ ଚଇତି ଘୋଡ଼ା ନାଚ ପ୍ରତି ଆକର୍ଷିତ ହୋଇଥିଲେ ଏବଂ ତାଙ୍କ ଦାଦା ତଥା ଆକାଶବାଣୀର କଳାକାର ଭଞ୍ଜକିଶୋର ଦାସଙ୍କଠାରୁ

ସେ ପ୍ରଥମେ ନାଚ ଶିଖିଥିଲେ । ୧୯୬୪ ମସିହାରେ ଦଶମ ଶ୍ରେଣୀରେ ପଢ଼ିବା ବେଳେ ସେ ସଙ୍ଗୀତ କଳା ସଂସଦ ନାମକ ସାଂସ୍କୃତିକ ଅନୁଷ୍ଠାନଟିଏ ଗଠନ କରିଥିଲେ । ୧୯୬୫ ମସିହାରେ ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଥିଲେ । ୧୯୭୧ ମସିହାରେ ସେ ଭୁବନେଶ୍ୱରର ଆଦିବାସୀ ପଡ଼ିଆରେ ଘୋଡ଼ା ନାଚ ପ୍ରଦର୍ଶନ କରି ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ସ୍ୱୀକୃତ ହୋଇଥିଲେ । ପ୍ରଥମେ ସେ ନିଜ ଦାଦାଙ୍କ ରଚନାକୁ ନେଇ ଘୋଡ଼ା ନାଚ ପରିବେଷଣ କରୁଥିଲେ । ୧୯୮୦ ମସିହାଠାରୁ ସେ ନିଜ ରଚନାକୁ ନେଇ ନୃତ୍ୟ ପରିବେଶଣ କରିବା ଆରମ୍ଭ କରିଥିଲେ ।

୧୯୯୭–୯୮ ବର୍ଷ ପାଇଁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପାଇଥିଲେ । ୨୦୧୫ ମସିହାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧୀ ପ୍ରଦାନ କରିଥିଲା । ୨୦୨୦ ମସିହାରେ ଜୀବନବ୍ୟାପୀ ଚଇତି ଘୋଡ଼ା ନାଚର ପ୍ରଚାର ପ୍ରସାର ପାଇଁ ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ ।

୨୦୨୬ ମସିହା ଫେବୃଆରୀ ୨୬ ତାରିଖରେ ଚୌଦ୍ୱାରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା ଏବଂ ମୃତ୍ୟୁଯାଏଁ ମଧ୍ୟ ସେ କଳା ସହିତ ଜଡ଼ିତ ଥିଲେ ଏବଂ ବିଭିନ୍ନ ମଞ୍ଚରେ ପରିବେଷଣ କରୁଥିଲେ ।

ଉପସ୍ଥାପନା: ସଂଗ୍ରାମ କେଶରୀ ସେନାପତି

ଉତ୍ସ: ଓଡ଼ିଆ ଉଇକିପିଡ଼ିଆ



ଅନ୍ୟ ଶିଳ୍ପୀଙ୍କ ଦ୍ୱାରା ଘୋଡ଼ାନାଚର ଏକ ଦୃଶ୍ୟ (ଫଟୋ: ପ୍ରତୀକ ପଟ୍ଟନାୟକ)



ତତ୍‌କାଳୀନ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ଗ୍ରହଣ ସମୟର ଫଟୋ

ମେଣ୍ଢାପୋଡ଼ି ନୀତି



ବସନ୍ତ ଋତୁର ଆଗମନରେ ଆମ୍ବ ବଉଳର ବାସ ସହିତ ଚତୁର୍ଦ୍ଦିଗେ ହୋଲିର ରଙ୍ଗ ଭରିଯାଏ । ଦୋଳରେ ବିରାଜିତ ରାଧାକୃଷ୍ଣ ଘରଘର ବୁଲନ୍ତି, ଦୋଳ ମେଳଣରେ ଏକାଠି ହୁଅନ୍ତି । ଚାରିଆଡ଼େ ଏ ରଙ୍ଗର ପର୍ବ ପାଳନ କରାଯାଏ । ସବୁ ପର୍ବଠାରୁ କିନ୍ତୁ ଏକ ଭିନ୍ନ ପର୍ବ ପାଳନ ହୁଏ ଶ୍ରୀମନ୍ଦିରରେ । ଫାଲ୍ଗୁନ ମାସର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀକ୍ଷେତ୍ର ପୁରୀରେ ପାଳିତ ହୁଏ ମେଣ୍ଢା ପୋଡ଼ି ନୀତି ।


ଶ୍ରୀଜଗନ୍ନାଥ ମନ୍ଦିରର ପାରମ୍ପରିକ ଦୋଳଯାତ୍ରା ଅବସରରେ ଦୋଳବେଦୀ ପରିସରରେ ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଥାଏ ଏହି ନୀତି । ପ୍ରତିବର୍ଷ ଏହି ମେଣ୍ଢାପୋଡ଼ି ନୀତି ଦେଖିବା ପାଇଁ ଛୁଟି ଆସନ୍ତି ହଜାର ହଜାର ଭକ୍ତ । ଭକ୍ତି, ପୌରାଣିକ ଗାଥା ଓ ପାରମ୍ପରିକ ଆସ୍ଥାର ଏକ ଅଦ୍ଭୁତ ସମନ୍ୱୟ ହେଉଛି ଏହି ମେଣ୍ଢା ପୋଡ଼ି ନୀତି ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ପ୍ରହ୍ଲାଦଙ୍କ ପିତା ହିରଣ୍ୟକଶ୍ୟପ ଥିଲଅ ଏକ ଅହଙ୍କାରୀ ଓ ଦେବଦ୍ୱେଷୀ ଅସୁର ରାଜା । ସମସ୍ତ ଅସୁରମାନଙ୍କ ଭଳି ସେ ବି ଚାହୁଁଥିଲଅ ସମସ୍ତେ ତାକୁ ଈଶ୍ୱର ଭାବରେ ପୂଜା କରୁନ୍ତୁ । କିନ୍ତୁ ପ୍ରହ୍ଲାଦ ଛୋଟବେଳୁ ତାଙ୍କ ମାତା କୟାଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଶ୍ରୀହରି ବିଷ୍ଣୁଙ୍କ ଭକ୍ତିରେ ଲୀନ ଥିଲେ । ତେଣୁ ହିରଣ୍ୟକଶ୍ୟପ ନିଜ ପୁଅକୁ ବିଭିନ୍ନ ଉପାୟରେ ହତ୍ୟା କରିବାକୁ ଯୋଜନା କରୁଥିଲଅ । ବିଷ ଦେବାଠାରୁ ଆରମ୍ଭ କରି ପାହାଡ଼ରୁ ତଳକୁ ଠେଲିଦେବା ପର୍ଯ୍ୟନ୍ତ ଅନେକ ପ୍ରକାରର ଚେଷ୍ଟା କରଇଥିଲା ସେ, କିନ୍ତୁ ପ୍ରତ୍ୟେକ ଥର ବିଷ୍ଣୁଙ୍କ କୃପାରୁ ପ୍ରହ୍ଲାଦ ଅକ୍ଷୁଣ୍ଣ ରହୁଥିଲା ।

ହିରଣ୍ୟକଶ୍ୟପର ଭଉଣୀ ହୋଲିକାକୁ ବରପ୍ରାପ୍ତ ହୋଇଥିଲା ଯେ ଅଗ୍ନି ତାକୁ ଜଳାଇପାରିବ ନାହିଁ । ତେଣୁ ହିରଣ୍ୟକଶ୍ୟପ ହୋଲିକାର ସହାୟତାରେ ପ୍ରହ୍ଲାଦକୁ

ହତ୍ୟା କରିବାର ଯୋଜନା କଲା । ହୋଲିକା ପ୍ରହ୍ଲାଦକୁ କୋଳରେ ଧରି ଅଗ୍ନିକୁଣ୍ଡରେ ପ୍ରବେଶ କଲା । ଯୋଜନା ଥିଲା ଏହି ଉପାୟରେ ପ୍ରହ୍ଲାଦ ଅଗ୍ନିରେ ଦଗ୍ଧ ହୋଇଯିବ, କିନ୍ତୁ ଘଟିଲା ତାହାର ସମ୍ପୂର୍ଣ୍ଣ ବିପରୀତ । ଭକ୍ତିର ଶକ୍ତି ଓ ଶ୍ରୀହରି ବିଷ୍ଣୁଙ୍କ କୃପାରେ ପ୍ରହ୍ଲାଦ ସୁରକ୍ଷିତ ଥିଲେ ଏବଂ ହୋଲିକା ଅଗ୍ନିଜ୍ୱାଳାରେ ଦଗ୍ଧ ହୋଇଗଲା । ଏହି ଘଟଣା ଭକ୍ତିର ବିଜୟ ଓ ଅହଙ୍କାରର ପରାଜୟର ପ୍ରତୀକ ଭାବେ ପରିଚିତ ।

ପୌରାଣିକ ମତ ଅନୁସାରେ ମେଣ୍ଢା ହେଉଛି ଅଗ୍ନିଦେବଙ୍କ ବାହନ । ହୋଲିକା ପ୍ରହ୍ଲାଦଙ୍କୁ ନେଇ ଅଗ୍ନିରେ ପ୍ରବେଶ କରିବାବେଳେ ବିଷ୍ଣୁ ଅଗ୍ନିଦେବଙ୍କୁ ପ୍ରହ୍ଲାଦର ରକ୍ଷା କରିବା ପାଇଁ ପଠାଇଥିଲେ । ଏହି ସମୟରେ, ଅଗ୍ନିଦେବ ତାଙ୍କ ବାହାନ ମେଣ୍ଢାଦ୍ୱାରା ପ୍ରହ୍ଲାଦଙ୍କ ଠାରୁ ସମସ୍ତ ଉତ୍ତାପକୁ ଦୂରେଇ



ରଖିଥିଲେ । ଯେତେବେଳେ ସାରା ଭାରତର ବିଭିନ୍ନ ସ୍ଥାନରେ ହୋଲିକା ଦହନ ଅନୁଷ୍ଠିତ ହୁଏ, ସେହି ସମୟରେ ଏହି ଭକ୍ତବତ୍ସଳତା ଓ ପ୍ରହ୍ଲାଦଙ୍କ ପ୍ରତି ଦିବ୍ୟ କୃପାକୁ ସ୍ମରଣ କରିବା ପାଇଁ ଶ୍ରୀମନ୍ଦିରରେ ମେଣ୍ଢା ପୋଡ଼ି ନୀତି ଅନୁଷ୍ଠିତ ହୁଏ । ଏହି ନୀତି ଦ୍ୱାରା ଅଗ୍ନିଦେବଙ୍କ ପ୍ରତି ସମ୍ମାନ ଓ ପ୍ରହ୍ଲାଦଙ୍କ ଅତୁଟ ଭକ୍ତିର ସ୍ମୃତିକୁ ପୁନଃଜୀବିତ କରାଯାଏ ।



ଦୋଳବେଦୀ ପରିସରରେ ସନ୍ଧ୍ୟାବେଳେ ବିଶେଷ ବିଧିବିଧାନ ସହ ଏହି ନୀତି ଅନୁଷ୍ଠିତ ହୁଏ । ସେବାୟତ ମାନେ ପାରମ୍ପରିକ ପଦ୍ଧତିରେ ଅଗ୍ନିକୁଣ୍ଡ ପ୍ରସ୍ତୁତ କରନ୍ତି । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଏହି କୁଣ୍ଡ ଚାରିପଟେ ବୁଲିବା ପରେ ପୂଜା ଓ ମନ୍ତ୍ରୋଚ୍ଚାରଣ ମାଧ୍ୟମରେ ଅଗ୍ନିଦେବଙ୍କୁ ଆହ୍ୱାନ କରାଯାଏ । ଏହି ସମୟରେ ଦୋଳବେଦୀ ପରିସର ଭକ୍ତମାନଙ୍କ ହରିବୋଲ ଧ୍ୱନିରେ ମୁଖରିତ ହୋଇଯାଏ । ଭକ୍ତମାନେ ଆସ୍ଥା ଓ ଶ୍ରଦ୍ଧାର ସହ ଏହି ନୀତିର ଦର୍ଶନ କରି ଆତ୍ମିକ ଶାନ୍ତି ଅନୁଭବ କରନ୍ତି । ମେଣ୍ଢା ପୋଡ଼ି ନୀତି କେବଳ ଏକ ପରମ୍ପରା ନୁହେଁ, ଏହା ଭକ୍ତିର ମହିମା ଓ ଧର୍ମର ବିଜୟର ଜୀବନ୍ତ ପ୍ରତୀକ । ଶ୍ରୀକ୍ଷେତ୍ରର ଏହି ବିଶେଷ ପରମ୍ପରା ଓଡ଼ିଶାର ଆଧ୍ୟାତ୍ମିକ ଐତିହ୍ୟକୁ ଆଉ ମଧ୍ୟ ଗଭୀର କରିଥାଏ । ପ୍ରତିବର୍ଷ ଫାଲ୍ଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ନୀତି ଭକ୍ତମାନଙ୍କୁ ସ୍ମରଣ କରାଏ – ସତ୍ୟ ଓ ଭକ୍ତି ସଦା ବିଜୟୀ, ଅଧର୍ମ ଓ ଅହଙ୍କାରର ଶେଷ ସୁନିଶ୍ଚିତ ।



ପର୍ବ ଦୋଳର



ବିଦାୟ ନେଉଛି ଶୀତ
ଫାଲ୍ଗୁନର ବସନ୍ତ ମଳୟ
ଚତୁର୍ଦ୍ଦିଗ ବିମୋହିତ
ଆସିଛି ସମୟ ଦୋଳ ପର୍ବର

ଜଗତର ନାଥ
ଦୋଳ ଗୋବିନ୍ଦ ରୂପେ
ପ୍ରସାଦ ଗ୍ରହଣ ପରେ ଫଗୁ ଖେଳି
ପ୍ରଦାନ କରିବେ ଆଶୀର୍ବାଦ ମୋକ୍ଷର

ଶ୍ରୀକ୍ଷେତ୍ର ରେ ମେଣ୍ଢା ପୋଡ଼ି
ହୋଲିକା ଦହନ
ମେଳଣ ସାରି ବାହୁଡ଼ିବେ ବଡ଼ ଦେଉଳକୁ
ଦେଇଯିବେ ସୁଖ ସ୍ୱର୍ଗର

ସୁନ୍ଦର ସଜ୍ଜିତ ଦୋଳ ବିମାନ
ଆମ୍ବ କଷି ଓ ଫୁଲ ଦେଇ
ଅନିଦ୍ରା ହୋଇ ଅପେକ୍ଷାରେ ରହିଥାନ୍ତି
ସମସ୍ତ ଗୃହସ୍ଥ ଗ୍ରାମର

ଦାଣ୍ଡ ମାଜଣା କରି
ଚିତା ମୁରୁଜରେ ସଜାଇ
ଭୋଗ ସଜାଡ଼ି ଚାହିଁ ରହିଥାନ୍ତି
ସମସ୍ତ ମାଆ ଓ ଗୃହିଣୀ
ଆସିବେ ବୋଲି ପ୍ରଭୁ ତାଙ୍କ ଘର

ମେଳଣରେ ଭେଟଭେଟି ହୁଏ
କେତେ ରୂପରେ ଦେବଦେବୀ
ରାଧା ମାଧବ, ମଦନ ମୋହନ
କୃଷ୍ଣ ବଳରାମ, ସୋମନାଥ
ବିଶ୍ୱେଶ୍ୱର, ଶ୍ୟାମ ସୁନ୍ଦର

କଟକରେ ଏବେ
ସୁନା ରୂପାର ବିମାନ
କୋଉଠି ହୋଲି ପରେ ପଞ୍ଚୁ ଦୋଳ
ସମସ୍ତେ ପ୍ରଭୁଙ୍କ ରଙ୍ଗ ବୋଳି
ଭକ୍ତିରେ ହୁଅନ୍ତି ବିଭୋର

- ସୁଜାତା ଦାଶ



ଜୀବନ

ଜୀବନ ଗୋଟେ ପ୍ରଶ୍ନ ନୁହେଁ,
ଗୋଟେ ଅନୁଭୂତି —
କେବେ ଶାନ୍ତ ସକାଳ,
କେବେ ସେ ରାତି ଭୟଙ୍କର...

ଜୀବନ ଗୋଟେ ଅଜଣା ସାଗର...
କେବେ ଗଢ଼େ ତ କେବେ ଭାଙ୍ଗେ,
କେବେ ଶାନ୍ତ ତ କେବେ ଭୟଙ୍କର
ଏହି ଝୁଆର ।

ସେହି ଝୁଆର ଭିତରେ ଜାଗିଉଠେ
ମନର ଗଭୀର ଜିଜ୍ଞାସା —
"ମୁଁ କିଏ? କେଉଁଠିକୁ ଯାଉଛି?"

ସମୟର ଚାପରେ
ଶବ୍ଦମାନେ ହୋଇଯାନ୍ତି ଜର୍ଜରିତ,
ସ୍ୱପ୍ନମାନେ ଲାଗନ୍ତି ଜରାଜୀର୍ଣ୍ଣ,
ତଥାପି ଆଶା ମରେନି ।

କାରଣ ଭଙ୍ଗା ମଧ୍ୟରୁ ହିଁ
ନୂଆ ଅର୍ଥ ନେଇଥାଏ ଜନ୍ମ —
ସେଇଟା ହିଁ ଜୀବନ ।।

- ଦିଶା ନାୟକ

ବନ୍ଦୀ



ବ୍ୟସ୍ତତାର ଆଡୁଆଳେ ଭୁଲିଯାଇ ସବୁ
ସଂସାର କର୍ତ୍ତବ୍ୟରେ ହୋଇ ଆମେ କାବୁ
ଧନକୁ ଆଦରି ଆମେ -ନିଜ କଥା ଭୁଲି
ନିଜର ସ୍ୱାଧୀନ ଆମେ ହରାଉଛୁ ଖାଲି

ଧନର ପଞ୍ଜୁରୀରେ ସାଜି ବନ୍ଦୀ ସାରି
ଜୀବନର ନାଆ କେବେ ହେଇଯିବ ପାରି
ଭଲ ଥିଲା ବାଲ୍ଲୁତ କାଳ ନା ଥିଲା କିଛି ଚିନ୍ତା
କିନ୍ତୁ ଯୌବନ ଆରମ୍ଭେ ଧରୁ କର୍ମ ଚାବିପେଛା

ବିଭବ ବାତୁଳ ଏବେ ସମସ୍ତଙ୍କୁ ଘାରେ
ଶାନ୍ତିର ଜୀବନକୁ କିଏ ବା ପଚାରେ
ସବୁରି ମୂଳରେ ଥାଏ ସେ ଖଳ ବିଭବ
ତା' ପାଇଁ ଦୁନିଆରେ ଏ ଧନୀ, ଗରିବ

ସମାଜରେ ଉପୁଜାଏ ପାତର ଅନ୍ତର
ଏ ସ୍ୱାର୍ଥପର ଜଗତରେ କିଏ ବା କାହାର
ଆମେ ନିଜେ ବନ୍ଦୀ ସାଜୁ ଏ ବିଭବ ଆଗେ
ଏ ଜୀବନ ଅନ୍ତ ହୁଏ କର୍ତ୍ତବ୍ୟର ଦାଗେ

ପଞ୍ଜୁରୀରେ ବନ୍ଦୀ ଶୁକ ମନେ ମନେ ହସେ
ବଡ଼ ବନ୍ଦୀ ଏ ମାନବ ବିଭବର ବାସେ
ବିଭବର ଦଉଡ଼ିରେ ନିଜକୁ ନ ବାନ୍ଧି
ମୁକୁଳାଅ ନିଜକୁ ହେ ବିଭବ ବନ୍ଦୀ

- ଓମ୍ ପ୍ରକାଶ ପ୍ରଧାନ

ହୋଲିରେ ପ୍ରେମର ରଙ୍ଗ



ଫଗୁଣ ରଙ୍ଗରେ ଭିଜେଇ ଦେଇଛି
ଦେହ ମନକୁ ମୋହର
ଏ ଛାତି ଭିତରେ ରଙ୍ଗ ଲଗାଇ
ପ୍ରିୟା ତ କରିଛି ନିଜର ॥

କି ରଙ୍ଗ ରହିଛି ତା' ପ୍ରମରେ ସତେ
ଭୁଲି ମୁଁ ପାରୁନି ତ ତାକୁ
ହୋଲିର ରଙ୍ଗ ବି ଫିକା ପଡ଼ିଗଲା
ବୁଝେଇ ପାରୁନି ମୋ ମନକୁ ॥

ପ୍ରେମର ରଙ୍ଗ ଯେ ଏତେ ଅଭୁଲା
ଭୁଲି କି ହେବ ସେ ସତେ
ହରିଣୀ ଆଖିର କଳା ଦାଗରେ
ପ୍ରେମ ତୀର ମାରୁଛୁ କେତେ ॥

କେଉଁଠି ମୋହରି ପ୍ରିୟା ଗୋ ତୁମେ
ଦେଖାଦିଅ ମୋହରି ପାଖରେ
ସପ୍ତରଙ୍ଗ ଛିଟା ବୋଳିଦିଅ ଥରେ
ଭିଜୁ ମୋ ହୃଦୟ ଆତୁରେ ॥

ହୋଲିକା ଦହନେ ଜଳୁଛି ମୁହିଁ
ପାଉଁଶର ନିଆଁ ଶିଖାରେ
ଆତ୍ମା ମୋ ତୁମକୁ ଖୋଜୁଛି ଆଜି
ଲିଭେଇ ଦିଅ ତୁମ ଲୁହରେ ॥

ଭଲ ପାଉଥିବି ଜୀବନେ ତୁମକୁ
ଲାଲ ରଙ୍ଗର ରାଣ ଦେଲି
ପ୍ରତି ମୁହୂର୍ତ୍ତେ ତୁମକୁ ଖୋଜୁଛି
ଭଲ ମୁଁ ପାଇବି ମନ ଖୋଲି ॥

ପ୍ରେମ ଶାଶ୍ୱତ ଥିଲା ସେ କାଳେ
ରାମ ଆଉ ସୀତା ଦୁହିଁଙ୍କର
ରଙ୍ଗ ପିଚକାରି ମାରି ରାଧାକୃଷ୍ଣ
ପ୍ରେମକୁ କଲେ ଚିର ଅମର ॥

- ଡୋଳାମଣି ପଧାନ

ଫୁଲେଇ ଫଗୁଣ ହସୁଛି



ବସନ୍ତର ହାତେ
ହାତ ଛନ୍ଦିଦେଇ
ଫୁଲେଇ ଫଗୁଣ ହସୁଛି,
ସବୁଜିମା ଜିଣି
ଚଉହଦି ବୁଣି
କୋମଳ ପତର ମେଲୁଛି ।

କୃଷ୍ଣଚୂଡ଼ା ଗଛ
ଫୁଲ ସମ୍ଭାରରେ
ତୋରଣ ସଜାଇ ଧରିଛି,
ଶଙ୍ଖଧ୍ୱନି ତୋଳି
କୁହୁ କୁହୁ ତାନେ
ସ୍ୱାଗତିକା ପିକ ଗାଉଛି ।

ଥୋଲି ବଉଳରେ
କଷି ଆମ୍ବ ଝୁଲି
ହାତକୁ ହଲାଇ ଠାରୁଛି,
ଆସ ଆସ ତୁମେ
ଫଗୁଣ ସୁନ୍ଦରୀ
ତୁମ ବାଟ ଚାହିଁ ବସିଛି ।

ଶିମିଳି ପଳାଶ
ମାଧବୀ ଅଶୋକ
କାଞ୍ଚନ ଗଭାରେ ଶୋହୁଛି,
ପୁଲକିତ ମହୀ
ସମ୍ଭାଷଣ କରି
ମଳୟ ଗୀତିକା ଗାଉଛି ।

ଶିର ସଞ୍ଚାଳନ
କରି ତରୁ ଡାଳ
ଯତନେ ଚାମର ବିଞ୍ଚୁଛି,
ଋତୁରାଜ ଜେମା
ବସନ୍ତ ଘରଣୀ
ଫଗୁ ମାଖିଦେଇ ଆସୁଛି ।

ବିମାନରେ ଦେଖି
କୃଷ୍ଣ ବନମାଳୀ
ମଳୟ ଗୀତିକା ଗାଉଛି,

ରାଜଭୋଗ ଧରି
ବାଙ୍କ ଚାହାଣୀରେ
ଘରର ଘରଣୀ ଚାହିଁଛି ।

ଏତେ ସବୁ କଥା
ପ୍ରକୃତି ସଜାଇ
ଫଗୁଣକୁ ଚାହିଁ ବସିଛି,
କବିର କଲମ
ଅଟକି ନଯାଇ
ଫଗୁଣେ ମେଲାଣି ଦେଉଛି ।

- ଡ. ଚପଳା ପଣ୍ଡା

New Book by
Shubhapallaba Publication

"We Became a Poem"
A story about love that doesn't shout,
about distances that speak,
about people who don't stay…
but become poetry.
I hope when you hold it,
you don't just read it
you feel it.

Book Launch: 5 March 2026

Written by: Prabina Kumar Kabi



Available on
Amazon India

Scan to Order Now

ହୋଲି


ଫଗୁଣ ଆସିଛି, ହୋଲି ତ ଆସିବ ।
ରଙ୍ଗ ବି ଆଣିବ, ତରଙ୍ଗ ଆଣିବ ।
ଏଠି ସିନା ଖୁସି ବଢୁଛୁଛି,
ଆଉ କେଉଁଠି ମୃତ୍ୟୁ ତା'ର
ତାଣ୍ଡବ ଲୀଳା କରୁଛି ।
ଇରାନ୍, ତେହେରାନ୍, ବାଗଦାଦ୍‌ରେ ଦେଖ
ମଣିଷ କେମିତି ରକ୍ତର ହୋଲି ଖେଳୁଛି ।

ମୁଁ ବି ଏଠି ରଙ୍ଗେଇ ଯାଇଛି,
ଛଳନା, ପ୍ରତାରଣା, ହିଂସା, ଈର୍ଷ୍ୟା ପରି ରଙ୍ଗରେ ।
ନାଲି ନେଳି ରଙ୍ଗ ମିଶି
କେମିତି ମଣିଷ ଛାତି ଭିତରଟା
କଳା ରଙ୍ଗ ହେଇ ଯାଇଛି ।

ମୋତେ ମୋ ଅହଂକାରର
ଗାଢ଼ ନୀଳ ରଙ୍ଗରେ ଡବୁଟୁବୁ କରି
ମୁଁ ଏକ ନୀଳବର୍ଣ୍ଣ ଶୃଗାଳ
ପାଲଟି ଯାଇଛି ।
ଜଙ୍ଗଲ ଭିତରେ
ଭିନ୍ନ ଭିନ୍ନ ଜାତି, ଧର୍ମ, ବର୍ଣ୍ଣକୁ
ଆବୋରି ବସିଥିବା ମୋ ପରି
ଆହୁରି ଅନେକ ଦୁଇ ଗୋଡ଼ିଆ ପଶୁ ଅଛନ୍ତି,
ସମସ୍ତେ ଖାଲି ଅଳସୁଆମିରେ
ଅନ୍ୟର ମାଂସ ଝୁଣି ଖାଇବାକୁ
ଜଗି ବସିଛନ୍ତି ।

ଆମେ କ'ଣ ଚାହିଁଲେ
ରଙ୍ଗ ବଦଳେଇ ପାରିବାନି?
ଆମେ କ'ଣ ଚାହିଁଲେ
ସ୍ନେହ, ଦୟା, ଶ୍ରଦ୍ଧାର ସାବୁନ୍ ଲଗାଇ
ଏ ମନକୁ ଗାଧୋଇ ଦେଇ ପାରିବାନି?





ଆମେ କ'ଣ ଚାହିଁଲେ
ଆଉ ଏକ ମଣିଷର
ଦୁଃଖକୁ କୁଣ୍ଢେଇ ପକେଇ
ତାକୁ ଆପଣାର କରିପାରିବାନି?

ଏଗୁଡ଼ିକ ପରୀକ୍ଷାର ପ୍ରଶ୍ନ ନୁହେଁ,
ଜୀବନପଥର ଦୋ ଛକିର ଦ୍ୱନ୍ଦ୍ୱ ।
ଆସ, ସମସ୍ତେ ମିଳିମିଶି ଖେଳିବା
ବସୁଧୈବ କୁଟୁମ୍ବକମ୍‌ର ହୋଲି,
ଭରିଦେଇ କୋଟି କୋଟି ପ୍ରାଣେ
ନୈସର୍ଗିକ ଆନନ୍ଦ ॥
ହୋଲିର ଆନନ୍ଦ ॥

- ବିଶ୍ୱନାଥ କିଙ୍କର ରାଉତ





ସ୍ୱେଚ୍ଛାକୃତ ବୈଧବ୍ୟ

ଆଜିକୁ ୧୫ ଦିନ ହେଇଗଲା, ସୌଦାମିନିଙ୍କ ସ୍ୱାମୀ ମରିଯିବାର ଅଥବା କହିହେବ ଯେ ସୌଦାମିନୀ ବିଧବା ହେଇଯିବାର । ସୌଦାମିନୀଙ୍କୁ ଏବେ ପ୍ରାୟ ଫୁଲ ପକା ଶାଢ଼ୀ ପିନ୍ଧି କିଛି ଗୋଟେ ଗୀତ ଗୁଣୁଗୁଣୁ ହୋଇ ଛାତ ଉପରେ ଫୁଲ ଗଛରେ ପାଣି ଦେଉଥିବାର ନ ହେଲେ ଘର ଦୁଆର ପାଖେ ଚୌକିରେ ବସି ଚାହା କପ୍‌ଟିଏ ଧରି ପ୍ରଶାନ୍ତିରେ ପିଉଥିବାର ଦେଖିବାକୁ ମିଳେ । ଆଖପାଖ ସାହିପଡ଼ିଶାର ଲୋକ, ବିଶେଷ କରି ମାଇପିମାନେ, ସୌଦାମିନୀଙ୍କୁ ଘଇତାଖାଇ, ଡାହାଣୀ, ଦୋଚାରୁଣୀ ଏମିତି କେତେ ବିଶେଷଣ ଦେଇ କୁହନ୍ତି, ସ୍ୱାମୀ ମରିବାର ଦୁଃଖ ନାଇଁ ବୋଲି ଦେଖେଇ ଶିଖେଇ କଥା ହୁଅନ୍ତି, ସେସବୁ ସୌଦାମିନିଙ୍କ କାନରେ ପହଞ୍ଚେ କିନ୍ତୁ ସେ ହସିଦିଅନ୍ତି ଆଉ ହସ ଲାଗିଲେ ଦୌଡ଼ିଯାଇ ଦର୍ପଣରେ ଟିକେ ନିଜ ମୁହଁ ଦେଖନ୍ତି । ସେଇ ମୁହଁଟା ତାଙ୍କୁ ଭାରି ନିଜର ଲାଗେ, ଯେମିତିକି ୧୫ ବର୍ଷ ତଳୁ କୋଉଠି ହଜେଇ ଦେଇଥିଲେ । ପୁଣି ଗୋଟେ ଜାନୁଆରୀ ମାସର ଉସୁମାଳିଆ ଅପରାହ୍ନ, ସୌଦାମିନିଙ୍କ ଝିଅ ସ୍କୁଲରୁ ଫେରିବାକୁ ଆହୁରି ୨ଘଣ୍ଟା ବାକି... ସୌଦାମିନୀ ଚୌକିଟିଏ ପକେଇ ଦାଣ୍ଡ କବାଟ ପାଖେ ବସି ଚାହା ପିଉ ପିଉ ଭାବୁଥାନ୍ତି...

ଆଜକୁ ପ୍ରାୟ ବର୍ଷେ ତଳେ ମଦ ପିଇ ବାଇକ୍ ଚଳେଇ ଘରକୁ ଫେରୁଥିବା ବେଳେ ସୌଦାମିନିଙ୍କ ସ୍ୱାମୀ ରମେଶ ବାବୁଙ୍କର ଗାଡ଼ି ଧକ୍କା ହୋଇଥିଲା ଏକ ଟ୍ରକ ସହ, ଭାଗ୍ୟ ବଳରୁ ଜୀବନ ସିନା ବଞ୍ଚିଯାଇଥିଲା ହେଲେ ଅକାମି ହୋଇଯାଇଥିଲା ଦୁଇ ଗୋଡ଼ । ଖବର ଶୁଣି ରାତି ବାରଟାରେ ଧାଇଁ ଯାଇଥିଲେ ସୌଦାମିନୀ ଡାକ୍ତରଖାନା, ଜିଲ୍ଲା ହସ୍ପିଟାଲରୁ କଟକ ବଡ଼ ମେଡିକାଲ୍ ରେଫର୍ ହୋଇଥିଲେ । ସୌଦାମିନୀ ପ୍ରାୟ ଛ'ମାସ କାଳ ନିଜ ଜୀବନକୁ ପାଣି କରି ସ୍ୱାମୀଙ୍କ ସେବାରେ ଲାଗିପଡ଼ିଥିଲେ,

ରମେଶ ବାବୁଙ୍କ ଡାହାଣ ଗୋଡ଼ଟି କଟା ହେଲା ଆଉ ବାଁ ଗୋଡ଼ଟି ଜଖମ ହୋଇ ରହିଗଲା । ଡାକ୍ତରଖାନାରୁ ଫେରିବା ପରେ ମଧ୍ୟ ସେ ବିଛଣାରେ ପଡ଼ି ରହିଥିଲେ, ପ୍ରାୟ ୬ ମାସ । ଝାଡ଼ା ପରିଶ୍ରାଠୁ ନେଇ ଖାଇବା ପିଇବା ସବୁ ଖଟ ଉପରେ କରନ୍ତି, ଏକା ସୌଦାମିନୀ ହିଁ ସବୁ ସେବା କରନ୍ତି । କିନ୍ତୁ ଜଣେ ଘୋଡ଼ା ମଦୁଆ ଶ୍ରେଣୀର ଲୋକ ମଦ ନ ପାଇବାରୁ ରାମ୍ପୁଡ଼ି ବିଦାରି ହୁଏ, ସେ କୋପ ବି ସୌଦାମିନୀ ସହନ୍ତି, ରମେଶ ବାବୁଙ୍କୁ ବିଛଣାରେ ଖୁଆଇଦେଲା ବେଳେ ସେ ସ୍ତ୍ରୀଙ୍କୁ ଚାପୁଡ଼େ ବିଧେ ମାରନ୍ତି । ସ୍ତ୍ରୀଟି ସବୁ ସହେ, କାରଣ ଏସବୁ ତ



ତା'ର ଦେହସୁହା; ଦୀର୍ଘ ପନ୍ଦର ବର୍ଷ ଧରି ସେ କେବଳ ମାଡ଼ଗାଳି ସହି ପଡ଼ିରହି ଘର ଜଞ୍ଜାଳ କରିବା ଆଉ ସ୍ୱାମୀର ସେବା କରିବାକୁ ସ୍ତ୍ରୀର ଧର୍ମ ବୋଲି ବୁଝିଆସିଛନ୍ତି । ୧୮ ବର୍ଷର ହେଇଥିଲେ ଯେବେ ବାପାମାଆ ବୋଝ ଖସେଇବା ନାଁରେ ଗୋଟେ ଶିକ୍ଷିତ ବେକାରୀ ହାତରେ ଝିଅକୁ ଟେକି ଦେଇଥିଲେ, ବାପା କହିଥିଲେ, "ମାଆଟିଏ ପୁଅଟିଏ, ଘର ଖଣ୍ଡିଏ ଅଛି ଆଉ ଶାଶୁ ପେନ୍‌ସନ୍ ପାଉଛନ୍ତି ମୃତ ଶଶୁରଙ୍କ ସରକାରୀ ଚାକିରୀ ପାଇଁ, ଦୁଇ ନଣନ୍ଦ ବିବାହିତା ପୁଣି ଦୂର ସହରରେ, ଜଞ୍ଜାଳ କିଛି ନାଇଁ, ଜୋଇଁ ପିଲାଟା ଆଜି ନ ହେଲେ କାଲି କ'ଣ ଗୋଟେ କରିବ, ଆମ ଦାମିନି ଆନନ୍ଦରେ ରହିବ ।" ଦାମିନି ଓରଫ ସୌଦାମିନୀ ପ୍ରତିବାଦ କରିବାକୁ ଚାହିଁଥିଲେ କିନ୍ତୁ ବାପା ଯେତେବେଳେ ଶେଷ ନିଷ୍ପତ୍ତିରେ ଶୁଣେଇଦେଲେ ଯେ ସେମାନେ ବିନା ଯୌତୁକରେ ବାହାଘରଟି କରିବେ, ଆଉ ବେଶୀ ଖୋଜିହେଲେ ଯୌତୁକ ଦେବାକୁ ଅଣ୍ଟାରେ ଧନ ନାଇଁ, ପଛକୁପଛ ଆହୁରି ୩ ଭଉଣୀ ବଢ଼ିଗଲେଣି ବୋଲି ସୌଦାମିନୀ ଆଉ କିଛି କହିନଥିଲେ, ବରଂ ଜୀବନ ସହ ସାଲିସ କରି ନୂଆ ସଂସାର ଆଉ ସ୍ୱାମୀର ସ୍ୱପ୍ନ ଦେଖିବାକୁ ଚେଷ୍ଟା କରିଥିଲେ । ଏଇ ଦେଖୁଦେଖୁ ମାସକ ଭିତରେ ବାହାଘର ସରିଯାଇଥିଲା, କିନ୍ତୁ ସ୍ୱପ୍ନ ଗୁଡ଼ାକ ଚତୁର୍ଥୀ ରାତିରୁ ହିଁ ଭାଙ୍ଗିବା ଆରମ୍ଭ ହେଇଯାଇଥିଲା । ଘୋଡ଼ା ମଦୁଆ ଶ୍ରେଣୀର ସ୍ୱାମୀଟିର ପଶୁତ୍ୱ ଦେଖି ସହି ସେ ସୁଖର ଆଶା ଛାଡ଼ିଦେଇଥିଲେ, ଦୀର୍ଘ ୧୪ ବର୍ଷ ଧରି ସେ କେବଳ ଶାଶୁଘର ନାଁରେ ପାଇଥିଲେ ଅସହ୍ୟ ମାଡ଼, ଅଶ୍ରାବ୍ୟ ଭାଷାରେ ଗାଳି, ଅପମାନ, ଝିଅ ଜନ୍ମ କରିଥିବାର ଦୋଷ ଆଉ ଅଗଣିତ ମାନସିକ କଷ୍ଟ । ବିନା ପ୍ରତିବାଦରେ ସେ ପ୍ରାୟ ରାତିରେ ନିଶାସକ୍ତ ସ୍ୱାମୀର ଦୈହିକ ଅତ୍ୟାଚାର ସହୁଥିଲେ, ଦିନରେ ମାଡ଼ ଖାଉଥିଲେ କିନ୍ତୁ ତଥାପି ନିଜର ଝିଅଟିକୁ ଦେଖି ହସିବାକୁ ଚେଷ୍ଟା କରୁଥିଲେ, ମାଆ ହେଇ ତାକୁ ପାଳିବାକୁ ଚେଷ୍ଟା କରିଥିଲେ । ଶାଶୁ ବି ଚାଲିଗଲେଣି କେବେଠୁ, ବିତିଗଲାଣି ଚଉଦ ବରଷ ଆଉ ଶେଷରେ ଏଇ ଦୁର୍ଘଟଣା । ସେବା ଶୁଶ୍ରୁଷା କୋଉଥିରେ ବି କମ୍ କରିନଥିଲେ ସୌଦାମିନୀ, ତାଙ୍କରି ଚେଷ୍ଟାରେ ରମେଶ ବାବୁ ଆଶାବାଡ଼ିଟିଏ ଧରି ଧୀରେଧୀରେ ତାଙ୍କରି କାନ୍ଧରେ ଆଶ୍ରା କରି ଅଗଣାରେ ଚାଲିବା ଆରମ୍ଭ କରିଥିଲେ, ବନ୍ଧୁବାନ୍ଧବ ସାଙ୍ଗସାଥି ଦେଖାହେବାକୁ ଆସିଲେ ରମେଶ ବାବୁଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଦେଖି ଖୁସି ହେଉଥିଲେ । କିନ୍ତୁ ସୌଦାମିନୀ ଠିକ୍ ବୁଝୁଥିଲେ, ଲୋକଟା ଯେତେଯେତେ ଭଲ ହେଉଛି, ସେତିକି ନିଜର ପଶୁରୂପ ଦେଖେଇବାରେ ଆଗଭର ବି ହେଉଛି, ଶେଯରୁ ନ ଉଠିପାରିଲେ ବି ଅଭାଷାରେ ଗାଳିଗୁଲଜ କରିଚାଲିଛି ମାଆଝିଅଙ୍କୁ, ପୁଣି ରମେଶ ବାବୁ ସନ୍ଦେହ ବି ଆରମ୍ଭ କରିଦେଇଛନ୍ତି ସୌଦାମିନିଙ୍କ ଚରିତ୍ରକୁ ନେଇ । ଝଗଡ଼ା, ମାଡ଼ପିଟା ପୁଣି ଆରମ୍ଭ, ହେଲେ ସେଦିନ ରାତିଟା ଭାରି ଗୁମସୁମ ଥିଲା, ନୂଆବର୍ଷ ପରେ ୪ ଦିନ ବିତିଯାଇଥିଲା, ରାତି ଖାଇବା ସରିଯିବା ପରେ ସୌଦାମିନୀ ରମେଶ ବାବୁଙ୍କ ବିଛଣା ବଦଳେଇ ଦେଉଥିଲେ, ଆଉ ରମେଶ ବାବୁ ସ୍ତ୍ରୀକୁ ଦେଖୁଥିଲେ । ସେଦିନ ତାଙ୍କୁ ପୁଣି ପଶୁ ହେବାକୁ ଇଚ୍ଛା ହେଉଥିଲା କିନ୍ତୁ ଶକ୍ତି ନଥିଲା ଆଉ ସେ ସୌଦାମିନିଙ୍କୁ ଅପ୍ରାକୃତିକ ସମ୍ବନ୍ଧ ରଖିବାକୁ ବାଧ କଲେ, ସୌଦାମିନୀ ମନା କରିବାରୁ ଝଗଡ଼ା ହେଲା, କିନ୍ତୁ

ସୌଦାମିନୀ ବେଶୀ କଥା ନ ବଢ଼େଇ ଆର ବଖରାକୁ ଯାଇ ଝିଅ ପାଖରେ ଶୋଇଗଲେ । ରାତି ପ୍ରାୟ ଦୁଇଟା ହେବ, ତାଙ୍କୁ ଦିନଯାକର ଖଟଣୀ ପରେ ଗଭୀର ନିଦ ଲାଗିଯାଇଛି, ହଠାତ କାହାର କଇଁକଇଁ ଚିତ୍କାର ଆଉ ଖର ନିଃଶ୍ୱାସର ଶବ୍ଦରେ ସ୍ୱପ୍ନ ଦେଖିଲା ଭଳି ଚମକି ଉଠିଗଲେ, ଗୋଲାପୀ ରଙ୍ଗର ବେଡ୍ ଲାଇଟ୍‌ରେ ଝିଅର ଖଟ ଉପରେ ଗୋଟେ ଗୋଡ଼ ଜଖମ ଲୋକଟିର ଛାଇ ଝିଅର ପାଟିରେ ଗୋଟେ ଗାମୁଛା ମାଡ଼ି ଧରି ଝିଅ ଉପରେ ନିଜର ପୌରୁଷ ଜାହିର କରିବାର ଚେଷ୍ଟା କରୁଥିବାର ଦେଖିଲେ, ବୁଝିବାକୁ ବେଶି ସମୟ ଲାଗିଲାନି; ସୌଦାମିନିଙ୍କ ନାରୀ ମନରେ ନିଆଁ ଲାଗିଗଲା ପ୍ରତିଶୋଧର, ମସ୍ତିଷ୍କରେ ବିଦ୍ୟୁତ ତରଙ୍ଗ ଭଳି ୧୮ ବର୍ଷୀୟ ନବବଧୂ ସୌଦାମିନିର ଚତୁର୍ଥୀ ରାତିରେ ନିଶାଡ଼ି ସ୍ୱାମୀର ପାଶବିକତାର ପ୍ରତିଫଳନ ହେଇଚାଲିଲା, ଏଆଡ଼େ ମାଆ ହୃଦୟଟା ଖିନ୍‌ଭିନ୍ ହେବା ଉପରେ ଥିଲା... ନିଷ୍ପତ୍ତି ନେବାକୁ ଲାଗିଲା ମାତ୍ର ୨ ମିନିଟ୍, ପାଖରେ ପଡ଼ିଥିବା ଝିଅର କ୍ରିକେଟ ବ୍ୟାଟ ଉଠେଇ ଦୁମଦାମ କରି ପାହାର ବସେଇ ଚାଲିଲେ ସେଇ ରାକ୍ଷସ ସ୍ୱାମୀ ଉପରେ ଯିଏ ଦୁର୍ଭାଗ୍ୟ ବଶତଃ ତାଙ୍କ ଝିଅର ବାପା ଥିଲା । ମାଡ଼ ଖାଇ ରମେଶ ପଡ଼ିଗଲା, ଆଉ ସୌଦାମିନୀଙ୍କ ପାଟିରେ ଝିଅ ତା' କବଳରୁ ବାହାରି ବଖରାଟିର ଲାଇଟ ଜଳେଇଦେଲା ଆଉ ବାପା ବୋଲି ଚିତ୍କାର କରି କାନ୍ଦିବାକୁ ଲାଗିଲା । ସୌଦାମିନୀ ସ୍ୱାମୀକୁ ପିଟି ତଳେ ପକେଇ ସେଇ ଜଖମ ହୋଇଯାଇଥିବା ଗୋଡ଼ ଉପରେ ଚଢ଼ିରହି ତଣ୍ଟି ଧରିନେଇଥାନ୍ତି; ଏଆଡ଼େ ରମେଶ ମାଡ଼ ଖାଇ ଜୀବନ ବିକଳରେ ଚିତ୍କାର କରୁଥାଏ । ସୌଦାମିନୀ ଝିଅକୁ ଇଶାରା ଦେଲେ ଚୁପ ରହି ମ୍ୟୁଜିକ୍ ସିଷ୍ଟମ୍ ଅଧିକ ଭଲ୍ୟୁମ୍‌ରେ ଲାଗେଇବାକୁ । ସେୟା ହିଁ ହେଲା, ଶେଷରେ ମାଆଝିଅ ସେଇ ଅସାମାଜିକ ରାକ୍ଷସକୁ ମାଡ଼ିବସିଲେ ଆଉ ସୌଦାମିନୀ ସବୁ ସମ୍ପର୍କ ଭୁଲି ତା' ଛାତି ଉପରେ ବସି ତଣ୍ଟିକୁ ଚିପିଧରିଲେ, ଏପଟେ ଝିଅ ମାଆ କଥା ମାନି ତକିଆ ଗୋଟେ ଆଣି ମୁହଁ ଉପରେ ପକେଇ ଜୋର କରି ଧରିଥାଏ । ମାଆ ଝିଅ ନିଜର ସବୁ ବଳ ଖଟେଇ ପ୍ରାୟ ପନ୍ଦର ମିନିଟ ପର୍ଯ୍ୟନ୍ତ ସେମିତି କରିଚାଲିଲେ, ଧୀରେଧୀରେ ରମେଶ ବାବୁଙ୍କ ପ୍ରାଣବାୟୁ ଉଡ଼ିଗଲା, ଛଟପଟ ହେଉଥିବା ହାତ ଲଥ୍ କରି ଭୁଇଁରେ ପଡ଼ିଲା, ଆଉ ଜୀବନର ଭିକ





ମାଗୁଥିବା ଆଖି ଦୁଇଟା ସେଇମିତି ସ୍ଥିର ହୋଇଗଲା ଡୋଳା ଦୁଇଟା ଟିକିଏ ଉପରକୁ ଉଠି ଆସି... ବାସ୍, ଗୋଟେ ଅଧ୍ୟାୟର ଶେଷ ହେଲା । ମୃତ ସ୍ୱାମୀକୁ ଛାଡ଼ିଦେଇ ସୌଦାମିନୀ ଏବେ ଝିଅକୁ ଛାତିରେ ଜାବୁଡ଼ି ଧରିଲେ, ଝିଅ କଇଁକଇଁ ହୋଇ କାନ୍ଦି ଉଠିଲା । ତାକୁ ତୁନି କରେଇ ନିଜେ ସାଷ୍ଟାମ ହୋଇ ସୌଦାମିନୀ ଲୁହ ପୋଛି ଠିଆ ହେଲେ, ଠିକ ରକ୍ତମୁଖା କାଳୀମାଆଙ୍କ ଭଳି । ମାଆଝିଅ ଦୁହେଁ ମିଶି ରମେଶ ବାବୁଙ୍କ ମୃତ ଶରୀରକୁ ତାଙ୍କ ବିଛଣାକୁ ଟେକି ନେଲେ, ମୁହଁ ଦେହ ସଫା କରିଦେଇ ଭଲ କପଡ଼ା ପିନ୍ଧେଇଦେଲେ । ଖୋଲା ଆଖିକୁ ବନ୍ଦ କରିଦେଇ ଚଦର ଘୋଡ଼େଇଦେଇ ଅପେକ୍ଷା କଲେ ସକାଳ ହେବାକୁ, ଠିକ୍ ପ୍ରାୟ ସକାଳ ୬ଟା ବେଳକୁ ସୌଦାମିନୀ ଜୋରରେ କାନ୍ଦିକାନ୍ଦି ଦାଣ୍ଡ କବାଟ ପାଖେ ହୁରି ପକେଇଲେ, ଝିଅକୁ ଦୌଡ଼ିଯାଇ ପାଖ ପଡ଼ିଶାଙ୍କ କବାଟ ବାଡ଼େଇ ଡାକିବାକୁ କହିଲେ, ଧୀରେଧୀରେ ଲୋକ ଜମା ହେଲେ । ରମେଶ ବାବୁ ଶୋଇବା ଅବସ୍ଥାରେ ଚାଲିଯାଇଛନ୍ତି ବୋଲି କହିକହି ସୌଦାମିନୀ ମୁଣ୍ଡ ପିଟୁଥାନ୍ତି । ପାଖପଡ଼ିଶାର କିଛି ସ୍ତ୍ରୀ ଲୋକ ଆହା ଚୁଚା କରୁଥାନ୍ତି, ପ୍ରାୟ ଦୁଇ ଘଣ୍ଟା ଭିତରେ ସାହିସାରା ଲୋକ ବିଶ୍ୱାସ କରିନେଇଥିଲେ ଯେ ରମେଶ ବାବୁ ଶୋଇଥିବା ଅବସ୍ଥାରେ ଚାଲିଗଲେ ବୋଲି ଆଉ ଦୂରରେ ଥିବା ନଣନ୍ଦମାନେ ଗୋଟେ ଦିନରେ ଆସିପାରିବେନି ବୋଲି ଜଲଦି ଦାହସଂସ୍କାରର ବ୍ୟବସ୍ଥା ବି ପାଖ ପଡ଼ୋଶୀ କରୁଥିଲେ । ରାତିରେ ଅସଜଡ଼ା ଝିଅର ବଖରା ରାତିରେ ହିଁ ସଜଡ଼ା ସରିଥିଲା, ଝିଅର ସେଇ କ୍ରିକେଟ ବ୍ୟାଟଟା ଘର ପଛପଟ ନାଳରେ ଫିଙ୍ଗାସରିଥିଲା । ସାହିଭାଇ ନିରାଶ୍ରୀ ସ୍ତ୍ରୀ ଲୋକଟିକୁ ସାହାଯ୍ୟ କରିବାକୁ ଆସି ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ପାଇଁ ବାହାରିଯାଇଥିଲେ । ସନ୍ଦେହର ପ୍ରଶ୍ନ ନଥିଲା କାରଣ ବିଛଣା ଲଗା ପଥୀଖିଆ ଲୋକଟା ପଡ଼ିପଡ଼ି ଖୁବ ଦୁର୍ବଳ ହୋଇଯାଇଥିଲା ଆଉ ବିଚାରି ସ୍ତ୍ରୀଟି ତ ବର୍ଷେ ହେବ ତା'ରି ସେବାରେ ଲାଗିଛି । ବାସ୍, ସବୁକାମ ସରିଗଲା, ଶାଙ୍ଖୁଳି କଡ଼ାଠୁ ନେଇ ଦଶାହ କର୍ମଯାଏଁ, କେହି କିଛି ପଚାରିନାହାନ୍ତି, କି ସୌଦାମିନୀଙ୍କ ନିଖୁଣ ଅଭିନୟ ଯୋଗୁଁ ପଚାରିବାର ସାହାସ ମଧ୍ୟ କରିନାହାନ୍ତି । ମନେମନେ ହସିଦେଲେ ଟିକେ ସେ, ୧୮ ବର୍ଷର ଝିଅ ସୌଦାମିନୀ ସିନା ନିଜର ସମ୍ମାନ ବଞ୍ଚେଇପାରିନଥିଲା ସେଇ ରାକ୍ଷସଟା ହାତରୁ, ହେଲେ ୩୩ ବର୍ଷୀୟା ମାଟି ଝିଅର ଇଜ୍ଜତ ଆଉ ଶରୀର, ସବୁକିଛିର ରକ୍ଷା କରିପାରିଥିଲା ଏବଂ ନିଜପାଇଁ ଅବଶିଷ୍ଟ ଜୀବନର ଶାନ୍ତି ଅର୍ଜ୍ଜନ କରିଥିଲା । ଏଇ ସମୟରେ ହଠାତ୍ ବାହାର ଗେଟ ଖୋଲିବାର ଶବ୍ଦରେ ସେ ଛାଇ ନିଦ ଭାଙ୍ଗିଗଲା ଆଉ ମାଆମାଆ କହି ଦୌଡ଼ି ଆସୁଥିବା ନିଜ ଚଉଦ ବର୍ଷୀୟା ଝିଅର ସ୍ନେହ ବୋଳା ଚାହାଣୀରେ ମନ ଗର୍ବରେ ଫୁଲି ଉଠୁଥିଲା ମାଆ ସୌଦାମିନୀର ।

- ସୋନାଲି ସୁଚରିତା



ନାରୀ ହେବାଟା ଏତେ ସହଜ ନୁହେଁ

ଧାନ ଗଛ ସହିତ ସମାନ ସିଏ
ପରିଚୟ ତାହର କିଛି ନଥାଏ
ପରିବେଶକୁ ନେଇ ବଦଳୁଥାଏ
କଷ୍ଟ ସହେ ପଛେ ଅଭିନୟ କରେ
ନାରୀ ହେବାଟା ଏତେ ସହଜ ନୁହେଁ...

ଦୁଃଖ ସବୁ ଛାତିରେ ଜାବୁଡ଼ି ଥାଏ
ସଭିଁଙ୍କ ଓଠେ ହସ ଫୁଟାଉଥାଏ
ଆଖିର ଲୁହକୁ ଓଠେ ପିଏନିଏ
ମିଛ ହସ ହସି ସେ ଦେଖାଇ ହୁଏ
ଖୁସିରେ ଅଛି ବୋଲି ଜଣାଉଥାଏ
ନାରୀ ହେବାଟା ଏତେ ସହଜ ନୁହେଁ...

ନାରୀର ଦୁଃଖକୁ ଦେଖିଅଛି କିଏ
ଗର୍ଭ ଯନ୍ତ୍ରଣା କଷ୍ଟ ସହିଛି ସିଏ
ପିଲା ମୁହଁ ଦେଖି ସବୁ ଭୁଲି ଯାଏ
ମାସକୁ ଥରେ ସିଏ ଅଛୁଆଁ ହୁଏ
ତଥାପି ତା' ଓଠେ ଖୁସି ରହିଥାଏ
ନାରୀ ହେବାଟା ଏତେ ସହଜ ନୁହେଁ...

ସକାଳ ଠାରୁ ଯେ ସଞ୍ଜ ଯାଏଁ ସିଏ
ଘରଣୀର ଅଭିନୟ କରୁଥାଏ
କାହାର ସ୍ତ୍ରୀ ତ କାହାର ମାଆ ହୁଏ
ବିଭିନ୍ନ ଚରିତ୍ରରେ ସେ ଚିତ୍ରଣ ହୁଏ
ନାରୀ ହେବାଟା ଏତେ ସହଜ ନୁହେଁ...

ବିବାହ ପରେ ସ୍ୱାଧୀନତା ହରାଏ
ସ୍ୱାମୀ ନିୟମରେ ବାଟ ଚାଲୁଥାଏ
କେତେ ଅତ୍ୟାଚାର ସହୁଥାଏ ସିଏ
ପରିବାର ମଙ୍ଗଳ ମନାସୁଥାଏ
ନାରୀ ହେବାଟା ଏତେ ସହଜ ନୁହେଁ...

ଆଜି ବି ନାରୀ ବିଟ୍ ବଜାରେ ଧର୍ଷଣ ହୁଏ
ଲାଜ୍ୟା ନିବାରଣ ପାଇଁ ଆତ୍ମହତ୍ୟା କରେ
କେତୋଟି କୌଣବ ପାଇଁ ସମାଜ ନଷ୍ଟ ହୁଏ
ନାରୀ ହେବାଟା ଏତେ ସହଜ ନୁହେଁ...

- ଶୁଭମ ବେହେରା



ଅଲିଭା ସଳିତା

ଜୀବନଟା ସାରା ଏ ଘରକୁ ସଜାଇବାରେ ବିତେଇ ଦେଲ । କେବେ ମାଆ ହେଇ ମୋତେ ସ୍ନେହ ମମତାରେ ପାଳନ କଲେ ତ ପୁଣି କେତେବେଳେ ଜଣେ ଶାସିକା ପରି ମୋ ଉପରେ ଶାସନ କଲ । ହସିହସି ସଂସାର ଯାକର ଦୁଃଖ ଦି'ଟି ଆଖିରୁ ଝରେଇ ଦେଲ ମୋ ଭିତରେ ପ୍ରେରଣା ଭରିଲ । ଏ ସମାଜ ଯେତେବେଳେ ମୋତେ ଛିଃଛିଃ କରି ଦୂରେଇ ଦେଲା । ଆକାଶରୁ ପରୀ ସାଜି ତୁମେ ଚାଲି ଆସିଲ ମୋର ଟିକି ହାତ ଧରି ବାଟ ଚାଲିବା ଶିଖେଇବାକୁ । ଆମର ରକ୍ତର ସମ୍ପର୍କ ନଥିଲା । କିନ୍ତୁ ତା' ଠାରୁ ବଡ଼ ସମ୍ପର୍କ ଗଢ଼ି ହୋଇ ଯାଇଥିଲା । ଅନେକ କଷ୍ଟକର କାମ କରି ତୁମେ ମୋତେ ପଢ଼େଇଲ । ଏଡୁଟିଏରୁ ଏଡ଼େଟିଏ କଲ । ଅଥଚ ଏ ସମାଜରେ ତୁମର ସମ୍ମାନ ପାଇଁ ତୁମଠୁ ଦୂରେଇ ଯିବାକୁ ବାଧ ହେଲି । ହେଲେ ଜାଣି ନଥିଲି ନଦୀ ବିଭିନ୍ନ ସ୍ଥାନ ଦେଇ ଗତି କଲାବେଳେ ଅନେକ ମୋଡ଼ ବୁଝାଏ ସତ କିନ୍ତୁ କ'ଣ ପାଇଁ ସେଠାରେ ଥିବା ଶକ୍ତ ପଥରରେ ପିଟି ହେଇ ବି ଆଗକୁ ବଢ଼ିବା ପାଇଁ । ପାହାଡ଼ରୁ ଝରିବା, ମାଟିରେ ପଡ଼ିବା, ପଥରରେ ବାଡ଼େଇ ହେବାର ଯନ୍ତ୍ରଣା ଭିତରେ ପୁଣି ଅମୃତ ଝରାଇବା ଅସୀମ ଶକ୍ତିର ଉତ୍ସ ଭାବେ ମୋର ହୃଦୟ ଚିହ୍ନି ପାରିଛି ତୁମକୁ । ଏ କାଗଜର ପ୍ରତ୍ୟେକ ଅକ୍ଷରର ଭାବ ମୋତେ ଆନ୍ଦୋଳିତ କରୁଛି, ପଶ୍ଚାତାପ କରିବାକୁ ବାଧ କରୁଛି । ମୋତେ ସେଦିନ ଯିବାର ନ ଥିଲା । ତୁମେ ଜଣେ ସାହାସୀ ମହିଳା ଅମ୍ମା । ଅତୀତ ହୁଏ ତ ବିତି ଯିବାର ଘଟଣା ହେଇପାରେ । ତା'ର ପ୍ରଭାବ ଆଜିର ଦିନରେ ବି ପଡ଼େ । ଏ କଥାକୁ କେହି ଏଡ଼େଇ ଦେଇ ପାରିବେନି । କଳାଶୋକ ନଗରର ଜଣେ ସ୍ଥପତି ବିନାଶକ ଦାସ ସହ ରଜନୀର ବାହା ହୁଏ ତା'ର ଇଚ୍ଛା ବିରୋଧରେ । ନିଃସହାୟ ନିରୁପାୟ ହୋଇ ସେ ବିବାହ କରେ କାରଣ ସ୍ଥପତି ଯେ ଯୌତୁକ ନେବାକୁ ମନା କରିଥାଏ । ଘରେ ସାନ ସାନ ୪ଟି ଭାଇ ଭଉଣୀ ଥାନ୍ତି। ବାପା ମଦ୍ୟପ । ମାଆ ତ ଆରପାରିରେ । କିନ୍ତୁ ତୁମେ ସାଙ୍ଗରେ ସବୁ ଭାଇଭଉଣୀମାନଙ୍କୁ ନେଇ ଆସିଲ ସ୍ୱାମୀ ଘରକୁ । କୁନି ଉପରେ ଦିଅର ଧାବକର ଖରାପ ଦୃଷ୍ଟି ଥାଏ । ଏହାର ଘୋର ପ୍ରତିବାଦ କର ତୁମେ । ସ୍ଥପତି ନିଜର ଭାଇକୁ ଘରୁ ବାହାର କରିଦିଅନ୍ତି ତୁମ ପାଇଁ । ନାରୀର ସମ୍ମାନ ପାଇଁ । କୁହନ୍ତି ନା ଅଦିନିଆ ବର୍ଷା ସବୁକିଛି ନଷ୍ଟ କରିଦିଏ । ଉଜାଡ଼ିଦିଏ ସାଧାରଣ ଜୀବନ । ଝଡ଼ ଭାଙ୍ଗିଦିଏ ଗଛ ଡାଳ । ଏପରିକି ଉପାଡ଼ିଦିଏ । ଚୁରମାର୍ କରିଦିଏ ଚଢ଼େଇର ବସା । ହଠାତ୍ ସ୍ଥପତିର ଦେହ ଅସୁସ୍ଥ ହୋଇ ପିଣ୍ଡରୁ ପ୍ରାଣ ଚାଲିଗଲା । ଏଇ ଦିନରୁ ରଜନୀ ଜୀବନରେ ଆଲୋକର ପର୍ବ ଶେଷ ହେବାକୁ ବସିଲା । ଧାବକ ଚାଲି ଆସିଲ ଅନ୍ୟାୟ ଅତ୍ୟାଚାର କରିବାକୁ ବସିଲା । ଗାଁର ପ୍ରମୁଖ ଲୋକମାନଙ୍କୁ ଟଙ୍କା ଖୁଆଇ ନିଜ ଆଡ଼କୁ କରି ନେଲା । ସ୍ଥପତି କରି ଦେଇଥିବା କେତେକ ସମ୍ପତ୍ତିକୁ ଧାବକ ନିଜର କରି ପାରିଲା ନାହିଁ। ସେ ସମ୍ପତ୍ତିକୁ ବିକି ଦେଇ ତୁମେ ଭାଇଭଉଣୀମାନଙ୍କୁ ଦୂରକୁ ପକେଇ ଦେଲ । ସେଇ ଅମାବାସ୍ୟାର କିଟିମିଟି ରାତିରେ ଧାବକ ନିଶାସକ୍ତ ହୋଇ ତୁମର ରୁମକୁ ଆସିଲା ଏବଂ ନିଜର ଶକ୍ତି ପ୍ରୟୋଗ କରିବାକୁ ଚାହିଁଥିଲା । ଏସବୁ ତା' ପାଇଁ ନୂଆ ନ ଥିଲା। ନିଜକୁ ବଞ୍ଚାଇବାକୁ ଯାଇ ତାକୁ କାନ୍ଥକୁ ଠେଲି ଦେଲ ।

ସେଠାରେ ଥିବା କାଚ ତା' ପିଠିରେ ଗଡ଼ିଗଲା ତୁମେ ପଳେଇ ଗଲ । ଅଥଚ ଅଧିକ ରକ୍ତସ୍ରାବ ଯୋଗୁଁ ସେ ମରିଗଲା । ତୁମେ ହେଲ ଦୋଷୀ । ଜେଲର କଏଦୀ । ଜେଲରୁ ବାହାରିବା ପରେ ନିଜର ଭାଇଭଉଣୀମାନଙ୍କୁ ଦେଖିବାକୁ ଗଲ । ଜାଣିବାକୁ ପାଇଲ ସେମାନେ ଜଣେ ହତ୍ୟାକାରିଣୀକୁ ଘୃଣା କରନ୍ତି । ଜୋର୍‌ରେ ବହି ଆସୁଥିବା ଦମକାଏ ପବନ ହଠାତ୍ ରହିଗଲା । ତୁମେ ଚାଲି ଆସିଲ ଏଇ ଅପରିଚିତ ସ୍ଥାନକୁ । ସାଜିଲ ମୋର ସବୁକିଛି । ହେଲେ ମୁଁ କ'ଣ କଲି? ତୁମକୁ ଏ ସମାଜ ଧିକ୍କାର ନ ଦେଉ । ଘୃଣା ଦୃଷ୍ଟିରେ ନ ଦେଖୁ ବୋଲି ଦୂରେଇ ଗଲି ସିନା କିନ୍ତୁ ଭାବି ପାରିଲିନି ତୁମର ଅନ୍ତରର ଦରଦକୁ । ମୋତେ ତୁମେ ଢେର୍ ଖୋଜିଥିଲ । କିନ୍ନରର ଠିକଣା କିଏ ଜାଣେ ଅମ୍ମା? ପରେ ଯେତେବେଳେ ତୁମେ ଛୋଟଛୋଟ ଶିଶୁମାନଙ୍କର ଯତ୍ନ ନେଉଛ, ଯେଉଁମାନଙ୍କୁ ତାଙ୍କର ପରିବାର ଅଲୋଡ଼ା କରି ଫିଙ୍ଗି ଦେଇଥାଏ ମୋତେ ଭାରି ଖୁସି ମିଳିଥିଲା । ତୁମର ପାଖକୁ ବେନାମୀ ମନି ଅର୍ଡର ପଠେଇ ଭାରି ଆନନ୍ଦିତ ହେଉଥିଲି । ଜାଣି ନ ଥିଲି ଯେତେବେଳେ ତୁମ ପାଖକୁ ସଫଳ ହୋଇ ଫେରିବି ତୁମେ ଏମିତି ଶୋଇଥିବ ବୋଲି । କଳାହାଣ୍ଡିଆ ମେଘରେ ପାଣି ଯେପରି ଭରିଥାଏ ହଠାତ୍ ଘଡ଼ଘଡ଼ି କରି ବରଷି ପଡ଼େ ସେପରି ଭୋଭୋ ହୋଇ କାନ୍ଦି ଉଠିଲା ମାନା । କୁନି କୁନି ଛୁଆମାନେ ତାକୁ ବେଢ଼ିଯାଇ ପଚାରିଲେ ନାନୀ ନାନୀ ଅମ୍ମାର କ'ଣ ହେଇଚି? ମାନା ସେମାନଙ୍କୁ କୁଣ୍ଢେଇ ଧରି ଅମ୍ମାର ଦାୟିତ୍ୱ ତୁଲାଇବ ବୋଲି ଭାବି ସାରିଥିଲା । କଳାହାଣ୍ଡିଆ ମେଘ ଆଖିରୁ ଲୁହ ଝରାଇ ସାରିଥିଲା । ସେଇ ଆଖି ଦେଖିଲା ଅମ୍ମା ଲଗାଇଥିବା ମଲ୍ଲୀ ଗଛରେ ବହୁତ ସାରା ଫୁଲ ଫୁଟିଛି । କିଛି ଅମ୍ମାର ପାଦରେ ଲୋଟେଇ ଯାଇଛି ।

- ଛୋଟୁ ସିଂ

English Novel by Sangram Keshari Senapati

Available on
Amazon India

Scan to Order Now



Sangram had founded Shubhapallaba back in 2018 and his first Odia novel 'Cigarette' got Prathama award by Timepass and here is his 1st English Novel.

ମାତୃଭାଷାର ମମତା

ଜନନୀ ଭୂମିକୁ ନେଇ
ମୁଁ ଗାଏ ନାନା ଗୀତ

ସ୍ୱର ଭାବ ତାଳରେ ଛନ୍ଦା
ମୋ ଓଡ଼ିଆ ଭାଷା ମମତା

ଗାଏ ମୁଁ ଗୀତ ହସେ ମୋ ମିତ
ଛନ ଛନ ମୋ ହୃଦୟ ଭାଷା

ଓଡ଼ିଆ କଳା ଇତିହାସ ସାକ୍ଷୀ
ପରିଚୟ ସୃଷ୍ଟି କରେ ମାତୃଭାଷା କହି

ବଳିଷ୍ଠ ହୃଦୟେ ମାତୃଭାଷା ମମତା
ପ୍ରାଣ ମୂର୍ଚ୍ଛନାରେ ଝୁରେ ଜୋଛନା

ଅତୀତ କହେ ବର୍ତ୍ତମାନକୁ ନେଇ ମୋ
ଓଡ଼ିଆ ଭାଷାରେ ଅଛି ସରଗ ସୁଖ ଭାଇ

ସରଳ ସୁନ୍ଦର ମାତୃଭାଷାରେ ଭରା
ଦେଖି ତୋଷିବ ଜନ ମାନସ ପରା

- ଦୁଷ୍ମନ୍ତ ବେହେରା






Available on
Shubhapallaba Store
Scan to Pre-order
ଶୁଭପଲ୍ଲବ ଦ୍ୱାରା ପ୍ରସ୍ତୁତ
ରକ୍ଷାବନ୍ଧନ
ସଂକଳକ: ସଂଗ୍ରାମ କେଶରୀ ସେନାପତି
www.gapu.in
ଶୁଭପଲ୍ଲବ
Publication

ବିଶେଷ ସୂଚନା:

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସବୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ କିଛି ଅର୍ଥ ବିନିଯୋଗ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛୁ, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣମାନଙ୍କର ସହଯୋଗରେ ଯେପରି ଶୁଭପଲ୍ଲର ପତ୍ରିକା ଓ ପୋର୍ଟୋଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।

- ସଂଚାଳକ ପରିଷଦ

Shubhapallaba Store
Buy Now
store.shubhapalaba.in

କପିରାଇଟ୍ ଓ ଗୁମରନୀତି:

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।






ଓଡ଼ାଉଛି









This edition is desinged by Sangram Keshari Senapati using Adobe InDesign.